# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 13th March - 2024

### News Editor : *Tapan Kumar Maharana*

********************************

## ମୁଖ୍ୟ ସମ୍ବାଦ

- ସମାଜର ମଙ୍ଗଳ ଓ ରୋଜଗାର ଆଧାରିତ ଜନକଲ୍ୟାଣ ପୋର୍ଟାଲ- **ପିଏମ୍ ସୁରଜ୍** ର ଲୋକାର୍ପଣ କଲେ ପ୍ରଧାନମନ୍ତ୍ରୀ ।

— ଅବହେଳିତ ବର୍ଗର ୧ ଲକ୍ଷ ଉଦ୍ୟୋଗୀଙ୍କ ପାଇଁ ସୁଗମ କଲେ ଋଣର ବ୍ୟବସ୍ଥା ।

- ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କନିଷ୍ଠ ଶିକ୍ଷକମାନଙ୍କର ପାରିଶ୍ରମିକ ୨୦ ହଜାର ଟଙ୍କାକୁ ବୃଦ୍ଧି କଲେ ରାଜ୍ୟ ସରକାର ।
- ରାଜ୍ୟ ସରକାର ପଦ୍ମ ପୁରସ୍କାର ବିଜେତାଙ୍କୁ ମାସକୁ ୨୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିବେ ।
- ପ୍ରସାର ଭାରତୀ ସମ୍ବାଦ ସରବରାହ ସଂସ୍ଥା 'ଶବ୍ଦ'ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ଅନୁରାଗ ସିଂହ ଠାକୁର ।

ଏବଂ

- ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରୀବିଗ୍ରହମାନଙ୍କ ବନକ ଲାଗି ନୀତି ପାଇଁ ୩ ଘଣ୍ଟା ପାଇଁ ବନ୍ଦ ରହିଛି ସର୍ବସାଧାରଣ ଦର୍ଶନ ।

*Desk*

## ସୂରଯ ପୋର୍ଟାଲ୍

ସମାଜର ମଙ୍ଗଳ ଏବଂ ରୋଜଗାର ଆଧାରିତ ଜନକଲ୍ୟାଣ ପୋର୍ଟାଲ- **'ପି.ଏମ୍. ସୁରଯ୍'**କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଲୋକାର୍ପଣ କରିଛନ୍ତି । ଏହି ଅବସରରେ ଅବହେଳିତ ବର୍ଗର ଉଦ୍ୟୋଗୀମାନଙ୍କ ନିଯୁକ୍ତି ସୃଷ୍ଟି ଲାଗି ୧ ଲକ୍ଷ ଋଣ ବ୍ୟବସ୍ଥା କରାଯାଇଛି । ସେହିଭଳି **ନମସ୍ତେ** ଆୟୁଷ୍ମାନ ହେଲ୍‌ଥ କାର୍ଡ ବଣ୍ଟନ ଯୋଜନାର ମଧ୍ୟ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି । ସମାଜର ବଞ୍ଚିତ ଓ ପଛୁଆବର୍ଗର ଲୋକମାନଙ୍କର ମଙ୍ଗଳ ସରକାରଙ୍କର ପ୍ରାଥମିକତା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । କେନ୍ଦ୍ର ସରକାରଙ୍କ ଉଚିତ ପଦକ୍ଷେପ ଯୋଗୁଁ ଗତ ୧୦ବର୍ଷ ମଧ୍ୟରେ ଦେଶର ୨୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖାରୁ ମୁକୁଳିଛନ୍ତି ।

*HS*

## କନିଷ୍ଠ ଶିକ୍ଷକ ପାରିଶ୍ରମିକ ବୃଦ୍ଧି

ରାଜ୍ୟ ସରକାର ପ୍ରାଥମିକ ଏବଂ ଉଚ୍ଚପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟ କରୁଥିବା କନିଷ୍ଠ ଶିକ୍ଷକମାନଙ୍କ ମାସିକ ପାରିଶ୍ରମିକ ୧୩ ହଜାର ୮୦୦ ଟଙ୍କାରୁ ୨୦ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି । ତେବେ ଯେଉଁମାନେ ଯୋଜନାଭିତ୍ତିକ ପଦବୀରେ ୩ ବର୍ଷ କାର୍ଯ୍ୟ କରିଛନ୍ତି, ସେମାନଙ୍କର ମାସିକ

ପାରିଶ୍ରମିକ ବୃଦ୍ଧି କରାଯାଇଛି । ଏହି ବୃଦ୍ଧି ଗତବର୍ଷ ଜାନୁୟାରୀ ପହିଲାଠାରୁ ପିଛିଲା ଭାବେ ଲାଗୁ କରାଯାଇଛି । ଏହାଦ୍ୱାରା ରାଜ୍ୟରେ କାର୍ଯ୍ୟରତ ୧୨ ହଜାର ୭୮୪ ଜଣ କନିଷ୍ଠ ଶିକ୍ଷକ ଉପକୃତ ହେବେ । ଏଥିପାଇଁ ରାଜ୍ୟ ସରକାର ବାର୍ଷିକ ଅତିରିକ୍ତ ୯୫ କୋଟି ଟଙ୍କା ଖର୍ଚ୍ଚ ବହନ କରିବେ ।

***Desk***

# ପଦ୍ମବିଜେତାଙ୍କୁ ୨୫ ହଜାର

ପଦ୍ମ ପୁରସ୍କାର ବିଜେତାଙ୍କୁ ରାଜ୍ୟ ସରକାର ମାସକୁ ୨୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ପଦ୍ମ ପୁରସ୍କାର ଦେଶର ମର୍ଯ୍ୟାଦାଜନକ ବେସାମରିକ ସମ୍ମାନ। ରାଜ୍ୟରୁ ପଦ୍ମ ପୁରସ୍କାର ପାଇଥିବା ବ୍ୟକ୍ତିବିଶେଷଙ୍କର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଓଡ଼ିଶାକୁ ଗୌରବାନ୍ୱିତ କରିଥିବାରୁ ରାଜ୍ୟ ସରକାର ଏହି ପଦକ୍ଷେପ ନେଇଛନ୍ତି। ଚଳିତବର୍ଷ ଏପ୍ରିଲଠାରୁ ଏହି ସମ୍ମାନରାଶି ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

*Desk, Koraput/R*

## ସ୍ପୋର୍ଟସ୍ କମ୍ପ୍ଲେକ୍ସ ଉଦ୍‌ଘାଟନ

ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ୨୬ଟି ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍ ଏବଂ ଜୟପୁରଠାରେ ସମନ୍ୱିତ ସ୍ପୋର୍ଟସ୍ କଂପ୍ଲେକ୍ସର ଉଦ୍‌ଘାଟନ କରିଛନ୍ତି । ନବନିର୍ମିତ ଜୟପୁର ସମନ୍ୱିତ ସ୍ପୋର୍ଟସ୍ କଂପ୍ଲେକ୍ସରେ ପ୍ରାକୃତିକ ଫୁଟବଲ୍ ପଡ଼ିଆ, ସିନ୍ଥେଟିକ୍ ଆଥ୍‌ଲେଟିକ୍ ଟ୍ରାକ୍, ଜିମ୍ନାଷ୍ଟିକ୍ ସେଣ୍ଟର, ସୁଇମିଂ ପୁଲ୍, ଟେନିସ୍ ଓ ବାସ୍କେଟ୍‌ବଲ୍ ଓପନ୍ କୋର୍ଟ ଏବଂ ଦର୍ଶକ ଗ୍ୟାଲେରୀର ବ୍ୟବସ୍ଥା କରାଯାଇଛି । ଏହି ଅବସରରେ ଏକ ଦକ୍ଷ ଯୁବସମାଜ ଗଠନ ପାଇଁ କ୍ରୀଡ଼ାକୁ ଗୁରୁତ୍ୱ ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

*Desk*

## ଏନ୍.ଏ.ସି. ଘୋଷଣା

ରାଜ୍ୟର ୧୩ଟି ଜିଲ୍ଲାର ୨୨ଟି ନୂତନ ବିଜ୍ଞପିତ ଅଞ୍ଚଳ ପରିଷଦ-ଏନ୍‌ଏସି ଏବଂ ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ଏନ୍‌ଏସିକୁ ମ୍ୟୁନିସିପାଲ୍‌ଟିକୁ ଉନ୍ନୀତ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଏ ସଂକ୍ରାନ୍ତରେ

ବିଧିବଦ୍ଧ ଘୋଷଣା କରିଛନ୍ତି।  ବୌଦ୍ଧ ଜିଲ୍ଲାର ମନମୁଣ୍ଡା, ପୁରୁଣାକଟକ ଓ ବାଉଁଶୁଣି, ବଲାଙ୍ଗିରର ଲୋଇସିଙ୍ଗା ଓ ସିନ୍ଧେକେଲା, ବରଗଡ଼ର ସୋହେଲା, ବାଲେଶ୍ୱରର ବାଲିଆପାଳ ଓ ଖଇରା, ଭଦ୍ରକର ଧାମରା, ଢେଙ୍କାନାଳର ରାସୋଳ, ଜଗତ୍‌ସିଂହପୁରର କୁଜଙ୍ଗ, କଳାହାଣ୍ଡିର ନର୍ଲା ଓ ମଦନପୁର-ରାମପୁର, ଖୋର୍ଦ୍ଧାର ବୋଲଗଡ଼, ନୟାଗଡର ଶରଣକୁଳ, ପୁରୀର ସାକ୍ଷୀଗୋପାଳ ଓ କାକଟପୁର, ସମ୍ବଲପୁରର ରେଙ୍ଗାଲି ଓ ବାମଣ୍ଡା ଏବଂ ସୁବର୍ଣ୍ଣପୁର ଜିଲ୍ଲାର ସୁବଳୟା, ଉଲୁଣ୍ଡା ଓ ରାମପୁର ଆଦି ସ୍ଥାନକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରାଯାଇଛି। ଜନସାଧାରଣଙ୍କ ଦାବି, କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ନୂତନ ଏନ୍‌ଏସି ଗଠନ କରାଯାଇଛି। ସୂଚନାଯୋଗ୍ୟ, ଗତମାସରେ ମୁଖ୍ୟମନ୍ତ୍ରୀ ୩୫ଟି ନୂଆ ଏନ୍‌ଏସି ଓ ୫ଟି ନୂଆ ପୌରପରିଷଦ ଗଠନ ବିଷୟ ଘୋଷଣା କରିଥିଲେ।

***PR***

## ଅନୁରାଗ ସିଂହ ଠାକୁର - ନ୍ୟୁଜ୍ ସେବା

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂହ ଠାକୁର ନୂଆଦିଲ୍ଲୀର ନ୍ୟାସନାଲ୍ ମିଡିଆ ସେଣ୍ଟର୍‌ଠାରେ ଆଜି ପ୍ରସାର ଭାରତୀ ନ୍ୟୁଜ୍ ସେୟାରିଂ ସେବା 'ଶବ୍ଦ'ର ଶୁଭାରମ୍ଭ କରିଛନ୍ତି ।ଦୂରଦର୍ଶନ ଏବଂ ଆକାଶବାଣୀର ସମ୍ବାଦ ସେବାର ୱେବ୍‌ସାଇଟ୍‌କୁ ଲୋକାର୍ପଣ କରିବା ସହିତ ଏ.ଆଇ.ଆର୍.

ମୋବାଇଲ୍ ଆପ୍'ର ମଧ୍ୟ ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଶ୍ରୀ ଠାକୁର କହିଛନ୍ତି, ଦେଶର ସୂଚନା ଓ ପ୍ରସାରଣ କ୍ଷେତ୍ରପାଇଁ ଆଜି ଏକ ଐତିହାସିକ ଦିନ । ବର୍ଷ ବର୍ଷ ଧରି ପ୍ରସାର ଭାରତୀ ପ୍ରତ୍ୟେକ ଆଞ୍ଚଳିକ ଭାଷାରେ ଦେଶର କୋଣ ଅନୁକୋଣରୁ ଖବର ସଂଗ୍ରହ ଏବଂ ଖବର ପହଞ୍ଚାଇବାର ଏକ ବିସ୍ତୃତ ନେଟ୍‌ୱାର୍କ ସୃଷ୍ଟି କରିଛି । ଏହି ବ୍ୟବସ୍ଥା ଆରମ୍ଭ ହେବା ଫଳରେ ସମ୍ବାଦ ଶିଳ୍ପରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିବ । ଛୋଟ ଛୋଟ ସମ୍ବାଦ ସଙ୍ଗଠନଗୁଡ଼ିକୁ ପ୍ରସାର ଭାରତୀର ଏହି ବ୍ୟବସ୍ଥା ସହାୟକ ହେବ । ୫୦ଟି ବର୍ଗରେ ସମସ୍ତ ପ୍ରମୁଖ ଭାରତୀୟ ଭାଷାରେ ଏହି ୱେବ୍‌ସାଇଟ୍ https://shabd.prasarbharati.orgରୁ ସମ୍ବାଦ ମିଳିପାରିବ ।

***Desk***

## କର୍ପୋରେଟର୍‌ଙ୍କ ଦରମା ବୃଦ୍ଧି

ରାଜ୍ୟର ୫ଟି ମହାନଗର ନିଗମ, ୪୮ଟି ପୌର ପରିଷଦ ଓ ୬୮ଟି ବିଜ୍ଞପିତ ଅଂଚଳ ପରିଷଦର ମେୟର, ଡେପୁଟି ମେୟର, ଅଧ୍ୟକ୍ଷ, ଉପାଧ୍ୟକ୍ଷ, କର୍ପୋରେଟର ଓ କାଉନସିଲରଙ୍କ ପାରିତୋଷିକ ଓ ଭତ୍ତା ରାଜ୍ୟ ସରକାର ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଏହି ଘୋଷଣା କରିଛନ୍ତି। ପଞ୍ଚମ ରାଜ୍ୟ ଅର୍ଥ କମିଶନଙ୍କ ସୁପାରିସ ତଥା ଓଡିଶା ମ୍ୟୁନିସିପାଲ କର୍ପୋରେସନ ରୁଲ୍ସ-୨୦୦୪ ଏବଂ ଓଡିଶା ମ୍ୟୁନିସିପାଲିଟି ରୁଲ୍ସ-୧୯୫୩ ରେ ସଂଶୋଧନ କରାଯାଇ ଏହି ବୃଦ୍ଧି କରାଯାଇଛି।

ମହାନଗର ନିଗମଗୁଡ଼ିକର ମେୟରମାନେ ବର୍ତ୍ତମାନ ସଂଶୋଧିତ ପାରିତୋଷିକ ୫୦ ହଜାର ଟଙ୍କା ପାଇବେ। ସେହିପରି ଡେପୁଟି ମେୟର ୨୦ ହଜାର ଟଙ୍କା, ପୌର ପରିଷଦ ଅଧ୍ୟକ୍ଷ ୧୫ ହଜାର, ଉପାଧ୍ୟକ୍ଷ ୧୦ ହଜାର ଟଙ୍କା ମାସିକ ପାରିତୋଷିକ ପାଇବେ।

ସେହିପରି ଏନ୍.ଏ.ସି. ଅଧ୍ୟକ୍ଷମାନଙ୍କର ମାସିକ ପାରିତୋଷିକ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ ଉପାଧ୍ୟକ୍ଷଙ୍କ ମାସିକ ପାରିତୋଷିକ ୭ ହଜାର ୫୦୦ ଟଙ୍କାକୁ ବୃଦ୍ଧି କରାଯିବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

*IPR*

## ଇ-ପୋଷ୍ଟାଲ୍ ବାଲାଟ୍

ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଆଭାସୀ ମାଧ୍ୟମରେ ରିଟର୍ଣ୍ଣିଂ ଅଫିସରମାନଙ୍କ ଇ-ପୋଷ୍ଟାଲ୍ ବାଲାଟ୍ ସମ୍ବନ୍ଧୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଯେପରି କୌଣସି ଜଣେ ମତଦାନରୁ ବଞ୍ଚିତ ନ ହେବେ, ସେ ଲକ୍ଷ୍ୟ ନେଇ କମିଶନ୍ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଭୁବନେଶ୍ୱରଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ରିଟର୍ଣ୍ଣିଂ ଅଫିସରମାନେ ଯୋଗଦେଇ ଇ-ପୋଷ୍ଟାଲ୍ ବାଲାଟ୍ ସମ୍ବନ୍ଧରେ ବୈଷୟିକ ଜ୍ଞାନ ଗ୍ରହଣ କରିଥିଲେ ।

*Desk*

# ବଲାଙ୍ଗିର ଇଣ୍ଟରସିଟି ଏକ୍ସପ୍ରେସ୍

ଭୁବନେଶ୍ୱର-ବଲାଙ୍ଗିର-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍ ଟ୍ରେନ୍‌କୁ ଉଭୟ ପାର୍ଶ୍ୱରୁ ସୁବର୍ଣ୍ଣପୁର ପର୍ଯ୍ୟନ୍ତ ସଂପ୍ରସାରଣ କରାଯାଇଛି । ପୂର୍ବତଟ ରେଳବାଇର ସୂଚନା ଅନୁସାରେ ଆସନ୍ତାକାଲି ଠାରୁ ଅପରାହ୍ନ ଗୋଟାଏରେ ଇଣ୍ଟରସିଟି ଏକ୍ସପ୍ରେସ୍ ଟ୍ରେନ୍ ସୁବର୍ଣ୍ଣପୁରରୁ ଯାତ୍ରା ଆରମ୍ଭ କରି ରାତି ୯ଟା ୪୫ରେ ଭୁବନେଶ୍ୱରରେ ପହଞ୍ଚିବ । ସେହିଭଳି ଶୁକ୍ରବାର ଠାରୁ ଭୁବନେଶ୍ୱରରୁ ଟ୍ରେନ୍ ସୁବର୍ଣ୍ଣପୁର ଅଭିମୁଖେ ଯାତ୍ରା କରିବ । ସୂଚନା ଅନୁସାରେ ଭୁବନେଶ୍ୱର ଏବଂ ବଲାଙ୍ଗିର ମଧ୍ୟରେ ରହଣି ଏବଂ ସମୟରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ । ବଲାଙ୍ଗିର ଏବଂ ସୁବର୍ଣ୍ଣପୁର ମଧ୍ୟରେ ଏହି ଟ୍ରେନ୍ ବିଛୁପାଲି, ଝରତରଭା ଏବଂ ନରସିଂହଗଡ଼ ଷ୍ଟେସନରେ ରହଣି କରିବ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ କୁହାଯାଇଛି ।

*IPR*

# ଫାଇଟୋ ସାନିଟାରୀ ପ୍ରମାଣପତ୍ର

ରାଜ୍ୟରୁ କୃଷି ଓ ଉଦ୍ଭିଦଜାତ ଦ୍ରବ୍ୟ, ଫଳ, ପନିପରିବା ସହଜରେ ବିଦେଶକୁ ରପ୍ତାନୀ କରାଯିବା ନେଇ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଛି ।

ବିଦେଶୀ ଦେଶଗୁଡ଼ିକ ଆମଦାନୀ କରୁଥିବା ଆବଶ୍ୟକତା ଅନୁସାରେ କୀଟମୁକ୍ତ କୃଷିଜାତ ଦ୍ରବ୍ୟର ବାଣିଜ୍ୟକୁ ଅଧିକ ସହଜ କରିବାପାଇଁ 'ଫାଇଟୋ ସାନିଟାରୀ ପ୍ରମାଣପତ୍ର' ବ୍ୟବସ୍ଥା କରିବାପାଇଁ ପଦକ୍ଷେପ ନିଆଯାଉଛି । ସେହିଭଳି ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ପକ୍ଷରୁ ବିଦେଶକୁ ରପ୍ତାନୀ ହେଉଥିବା ଉଦ୍ୟାନ କୃଷି, ପରୀକ୍ଷଣ, ଯାଞ୍ଚ ଏବଂ ଆବଶ୍ୟକ ବିଶୋଧନ ପରୀକ୍ଷା ସମ୍ବନ୍ଧୀୟ ଜ୍ଞାନକୌଶଳ ଆହରଣ କରିବାପାଇଁ ଅଧିକାରୀମାନେ ପ୍ରଶିକ୍ଷଣ ନେଇଛନ୍ତି ।

*Desk*

## ହାଇକୋର୍ଟ - ଏସ୍.ସି.ବି. ଅଗ୍ନିନିରାପତ୍ତା

କଟକ ବଡ ମେଡିକାଲ କଲେଜ୍ ଏବଂ ହସ୍‌ପିଟାଲର ଅଗ୍ନି ନିରାପତ୍ତା ବ୍ୟବସ୍ଥା ମାମଲାରେ ଅଗ୍ନିଶମ ବିଭାଗର ମହାନିର୍ଦ୍ଦେଶକ, ଏସ୍.ସି.ବି. କଲେଜ୍ ଅଧୀକ୍ଷକ ଏବଂ ଅନ୍ୟମାନେ ହାଇକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇ ଅଗ୍ନି ନିରାପତ୍ତା ସମ୍ବନ୍ଧୀୟ ପଦକ୍ଷେପ ନିଆଯାଉଥିବା ବିଷୟ କୋର୍ଟଙ୍କୁ ଜଣାଇଛନ୍ତି ।

ପୁରୁଣା ବିଲ୍ଡିଂରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ନିର୍ମାଣ କାମ ଶେଷ ପାଇଁ ଆଉ ୬ ମାସ ସମୟ ଲାଗିବ । ଆସନ୍ତା ୮ ମାସ ମଧ୍ୟରେ ସମସ୍ତ କାର୍ଯ୍ୟର ଅଗ୍ରଗତି ନେଇ ସତ୍ୟପାଠ ଜରିଆରେ ଜଣାଇବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

*Puri/R*

# ବନକଲାଗି

ପୁରୀ ଶ୍ରୀମନ୍ଦିରରେ ଆଜି ଫାଲଗୁନ ଶୁକ୍ଳ ଚତୁର୍ଥୀ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକ ଲାଗି ନୀତି ଅନୁଷ୍ଠିତ ହେଉଛି। ବିଭିନ୍ନ ପ୍ରାକୃତିକ ରଙ୍ଗ ସହ ଦତ୍ତ ମହାପାତ୍ର ସେବକମାନେ ପ୍ରଭୁ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ଶ୍ରୀଜଗନ୍ନାଥ ଏବଂ ଚକ୍ରରାଜ ଶ୍ରୀସୁଦର୍ଶନଙ୍କୁ ବନକଲାଗି କରୁଛନ୍ତି । ଏହା ଏକ ଗୁପ୍ତନୀତି ହୋଇଥିବାରୁ ସନ୍ଧ୍ୟା ୬ ଟା ରୁ ରାତି ୯ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି । ଏହି ନୀତି ଶେଷ ହେବା ପରେ ଚତୁର୍ଦ୍ଧା ବିଗ୍ରହଙ୍କୁ ମହାସ୍ନାନ ଏବଂ ବଡ଼ସିଂହାର ବେଶ କରାଯିବ ।

*****